# NATIONAL NEWS BULLETIN (ODIA)

**7 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଦାବି କରି ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ
- କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ସହାୟତା' କୃଷକ ଓ ଗ୍ରାମାଞ୍ଚଳ ଅର୍ଥନୀତିକୁ କରିଛି ସଶକ୍ତ, କହିଲେ ପ୍ରଧାନମନ୍ତ୍ରୀ
- ଉତ୍ତରାଖଣ୍ଡ ଉତ୍ତରକାଶୀ ଜିଲ୍ଲାରେ ବିପର୍ଯ୍ୟୟ ପରେ ଆଜି ଚତୁର୍ଥ ଦିନରେ ଚାଲିଛି ଉଦ୍ଧାର କାର୍ଯ୍ୟ

ଏବଂ

- ବିଶ୍ୱ କ୍ରୀଡ଼ାରେ ଅଂଶ ଗ୍ରହଣ କରିବେ ଭାରତର ୧୮ ଜଣ କ୍ରୀଡ଼ାବିତ୍

## ପାର୍ଲାମେଣ୍ଟ ଆଡଜର୍ଣ୍ଣ

ସଂସଦରେ ବିରୋଧୀ ଦଳ ସଦସ୍ୟଙ୍କ ଦ୍ୱାରା ବିଭିନ୍ନ ପ୍ରସଙ୍ଗ ନେଇ ହଟ୍ଟଗୋଳ ଯୋଗୁଁ ଉଭୟ ସଦନକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ମଧ୍ୟାହ୍ନ ୧୨ଟାରେ ପ୍ରଥମ ମୁଲତବୀ ପରେ ଲୋକସଭାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଣିପୁର ଦ୍ରବ୍ୟ ଓ ସେବାକର ସଂଶୋଧନ ବିଲ୍ ଆଗତ କରିଥିଲେ । ଏହି ବିଧେୟକର ଉଦ୍ଦେଶ୍ୟ ହେଉଛି, ମଣିପୁରର ଦ୍ରବ୍ୟ ଓ ସେବାକର ଆଇନ-୨୦୧୭ରେ ଆବଶ୍ୟକୀୟ ସଂଶୋଧନକୁ ଆଲୋଚନା ମାଧ୍ୟମରେ ଅନୁମୋଦନ

କରିବା । ଶ୍ରୀମତୀ ସୀତାରମଣ ଲୋକସଭାରେ ବିସ୍ତୃତ ଭାବେ ଦ୍ରବ୍ୟ ଓ ସେବାକର ଆଇନର ସଂଶୋଧନ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ । ମଣିପୁର ଦ୍ରବ୍ୟ ଓ ସେବାକର ସଂଶୋଧନ ଅଧ୍ୟାଦେଶ ଜାରି କରିବା ଉଦ୍ଦେଶ୍ୟରେ ଏ ଦିଗରେ ତୁରନ୍ତ ନିଷ୍ପତ୍ତି ଗ୍ରହଣ କରିବା ଲାଗି ସେ କହିଥିଲେ । ଗୃହରେ ଅଧ୍ୟକ୍ଷତା କରୁଥିବା ସନ୍ଧ୍ୟା ରାୟ ଶୂନ୍ୟକାଳ ଚଳାଇବା ପାଇଁ ଚେଷ୍ଟା କଥିଲେ ମଧ୍ୟ ବିରୋଧୀ ଦଳ ସଦସ୍ୟଙ୍କ ବିହାର ସ୍ୱତନ୍ତ୍ର ଭୋଟର ସଂଶୋଧନ ଅଭିଯାନ ନେଇ  ନାରାବାଜି ହୋଇଥିଲ । । ସେ କହିଥିଲେ ସରକାର ସମସ୍ତ ପ୍ରକାର ପ୍ରସଙ୍ଗ ଉପରେ ଆଲୋଚନା କରିବା ଲାଗି ପ୍ରସ୍ତୁତ ଅଛନ୍ତି । ସେ ବିରୋଧୀ ସାଂସଦମାନଙ୍କୁ ଗୃହ ପରିଚାଳନାରେ ସହଯୋଗ କରିବା ଲାଗି ଅନୁରୋଧ କରିଥିଲେ । ବିରୋଧୀ ସଦସ୍ୟମାନଙ୍କ ଆଚରଣ ଯୁକ୍ତିଯୁକ୍ତ ନୁହେଁ ବୋଲି ସେ କହିଥିଲେ । ତେବେ ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା ।

**V/O (Sandhya Ray)**

ଆଜି ପୂର୍ବାହ୍ଣରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବା ଲାଗି ଚେଷ୍ଟା କରିଥିଲେ ମଧ୍ୟ ବିରୋଧୀଙ୍କ ନାରାବାଜୀ ଯୋଗୁଁ ତାହା ସମ୍ଭବ ହୋଇନଥିଲା । ସେ ବାରମ୍ବାର ବିକ୍ଷୋଭରତ ସଦସ୍ୟମାନଙ୍କୁ ସେମାନଙ୍କ ଆସନକୁ ଫେରିଯିବା ଲାଗି ଅନୁରୋଧ କରିଥିଲେ । ସଂସଦୀୟ ବିଧିବ୍ୟବସ୍ଥାକୁ ସମ୍ମାନ ଦେବା ଲାଗି ବାଚସ୍ପତି କହିଥିଲେ । ହଟ୍ଟଗୋଳ ମଧ୍ୟରେ ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହରଲାଲ ସ୍ମାର୍ଟସିଟି ଅଭିଯାନ ସଂପର୍କିତ ପ୍ରଶ୍ନର ଉତ୍ତର

ଦେଇଥିଲେ । ତେବେ ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ ।

ରାଜ୍ୟସଭାରେ ମଧ୍ୟ ଆଜି ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା । ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉପାଧ୍ୟକ୍ଷ ହରିବଂଶ ଘୋଷଣା କରିଥିଲେ ଯେ ତାଙ୍କ ପାଖକୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ କେତେକ ପ୍ରସଙ୍ଗରେ ୨୫ଟି ମୁଲତବୀ ନୋଟିସ୍ ଆସିଛି । ତେବେ ସେ ନିୟମ ଅନୁଯାୟୀ ସେଗୁଡ଼ିକୁ ଖାରଜ କରିଥିବା ରାଜ୍ୟସଭାରେ ପ୍ରକାଶ କରିଥିଲେ। ଶ୍ରୀ ହରିବଂଶ ବିକ୍ଷୋଭରତ ବିରୋଧୀଦଳ ସଦସ୍ୟମାନଙ୍କୁ ସେମାନଙ୍କ ଆସନକୁ ଫେରିଯାଇ ଗୃହକାର୍ଯ୍ୟକୁ ସ୍ୱାଭାବିକ ଭାବେ ଚଳାଇବା ଲାଗି ସହଯୋଗ କରିବା ନିମନ୍ତେ କହିଥିଲେ । ହରିବଂଶ କହିଥିଲେ, ରାଜ୍ୟସଭାରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ୫୧ ଘଣ୍ଟାରୁ ଅଧିକ ସମୟ ନଷ୍ଟ ହୋଇ ସାରିଲାଣି । ଶୂନ୍ୟକାଳ ଓ ପ୍ରଶ୍ନକାଳ ସଦସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ସେଥିରେ ସହଯୋଗ କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଶ୍ରୀ ହରିବଂଶ କହିଥିଲେ । ତେବେ ପରିସ୍ଥିତିରେ ପରିବର୍ତ୍ତନ ନ ହେବାରୁ ସେ ରାଜ୍ୟସଭାକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

**V/O (Hari Bansa)**

# ସୁପ୍ରିମକୋର୍ଟ

ବିଚାରପତି ଯଶୋବନ୍ତ ବର୍ମାଙ୍କ ବହିଷ୍କାରକୁ ଅନୁମୋଦନ କରିଥିବା ନ୍ୟାୟାଳୟର ୩ ଜଣିଆ ତଦନ୍ତ କମିଟିର ରିପୋର୍ଟକୁ ଚାଲେଞ୍ଜ କରି ଜଷ୍ଟିସ୍ ବର୍ମା କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ

କରିଦେଇଛନ୍ତି । ବିଚାରପତି ଦୀପଙ୍କର ଦତ୍ତା ଓ ଏ.ଜି. ମସିଙ୍କ ଖଣ୍ଡପୀଠ ଏ ସଂପର୍କିତ ତାଙ୍କର ବିଚାରକୁ ଗତ ସପ୍ତାହରେ ସଂରକ୍ଷିତ ରଖିଥିଲେ । ଖଣ୍ଡପୀଠ ତାଙ୍କ ରାୟରେ ଦର୍ଶାଇଛନ୍ତି, ଜଷ୍ଟିସ୍ ବର୍ମା ତଦନ୍ତ କମିଟିର କାର୍ଯ୍ୟରେ ଅଂଶ ଗ୍ରହଣ କରିବା ପରେ ଏବେ ତାହାକୁ ଚାଲେଞ୍ଜ କରୁଥିବାରୁ ଏହା ଗ୍ରହଣୀୟ ନୁହେଁ ।

ସୂଚନାଯୋଗ୍ୟ ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବର୍ମାଙ୍କ ନୂଆଦିଲ୍ଲୀସ୍ଥିତ ବାସଗୃହ ପାଖରୁ ଗତ ମାର୍ଚ୍ଚ ମାସ ୧୪ ତାରିଖରେ ବହୁ ପରିମାଣର ଅଧାପୋଡ଼ା ଟଙ୍କା ଉଦ୍ଧାର କରାଯାଇଥିଲା । ଏହା ପରେ ତାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆହ୍ଲାବାଦ ହାଇକୋର୍ଟକୁ ସ୍ଥାନାନ୍ତର କରାଯାଇ ଘଟଣାର ତଦନ୍ତ ପାଇଁ କମିଟି ଗଠନ କରାଯାଇଥିଲା ।

## ପିଏମ୍-ସେଣ୍ଟନାରୀ କନଫରେନ୍ସ

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ କୃଷକମାନଙ୍କୁ ଦିଆଯାଉଥିବା ପ୍ରତ୍ୟକ୍ଷ ଆର୍ଥିକ ସହାୟତା ସେମାନଙ୍କୁ ସଶକ୍ତ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଅନ୍ୟପକ୍ଷରେ ପିଏମ୍ ଫସଲ ବୀମା ଯୋଜନା କୃଷକମାନଙ୍କୁ କୃଷିକାର୍ଯ୍ୟରେ ସୃଷ୍ଟି ହେଉଥିବା ବିପଦ ଗୁଡ଼ିକରୁ ସୁରକ୍ଷା ଦେଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଆଜି ନୂଆଦିଲ୍ଲୀସ୍ଥିତ ଆଇସିଏଆର ପୁଷା ଠାରେ ଏମ୍.ଏ. ସ୍ୱାମୀନାଥନ ଶତବାର୍ଷିକୀ ଆନ୍ତର୍ଜାତିକ ସମାରୋହକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଡକ୍ଟର ସ୍ୱାମୀନାଥନଙ୍କ ମେଧାଶକ୍ତି ବିଶେଷକରି ଖାଦ୍ୟ ନିରାପତ୍ତା ଓ କୃଷି ଗବେଷଣା କ୍ଷେତ୍ରରେ ତାଙ୍କର ପ୍ରତିବଦ୍ଧତା

ବିଶ୍ୱସ୍ତରରେ ଆଦୃତ । ସେ କହିଛନ୍ତି ଦେଶରେ ୧୦ ହଜାର କୃଷକ ଉତ୍ପାଦକ ସଂଗଠନ କ୍ଷୁଦ୍ର ଚାଷୀମାନଙ୍କୁ ସଶକ୍ତ କରିଛି ।

ସମବାୟ ସଂସ୍ଥା ଏବଂ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ଫଳରେ ଗ୍ରାମାଞ୍ଚଳ ଅର୍ଥନୀତିକୁ ପ୍ରୋତ୍ସାହନ ମିଳିପାରିଛି । ସେ କହିଛନ୍ତି ଏକବିଂଶ ଶତାବ୍ଦୀର ଭାରତ ଦେଶକୁ ବିକଶିତ କରିବା କ୍ଷେତ୍ରରେ ଏବଂ ପ୍ରତ୍ୟେକଟି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବା ଦିଗରେ ପ୍ରତ୍ୟେକ ବର୍ଗର ନାଗରିକଙ୍କ ଅନ୍ତର୍ଭୁକ୍ତିକୁ ଗ୍ରହଣ କରୁଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରଫେସର ସ୍ୱାମୀନାଥନ ବିଜ୍ଞାନକୁ ଜନସେବାର ଏକ ମାଧ୍ୟମ ଭାବେ ବ୍ୟବହାର କରି ତାଙ୍କର ସମଗ୍ର ଜୀବନ ଦେଶର ଖାଦ୍ୟ ନିରାପତ୍ତା ପ୍ରତି ଉତ୍ସର୍ଗ କରିଛନ୍ତି । ତାଙ୍କର ପ୍ରେରଣା ଦେଶର ନୀତି ନିର୍ଦ୍ଧାରଣରେ ସହାୟକ ହୋଇଛି ।

**V/O (PM)**

**ଜୈବ କୃଷିର ପଥ ଚିରହରିତ ବିପ୍ଳବ** ଶୀର୍ଷକ ଆଜିର ସମାରୋହରେ ବୈଜ୍ଞାନିକ, ନୀତିନିର୍ଦ୍ଧାରକ, ବୃତ୍ତିଗତ ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ଯୋଗ ଦେଇଥିଲେ ।

---

## ଉତ୍ତରାଖଣ୍ଡ

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲା ଅଧୀନସ୍ଥ ଧରାଲୀ ଓ ହର୍ସିଲ ଅଞ୍ଚଳରେ ବାଦଲ ଫଟା ବର୍ଷା ଓ ଭୂସ୍ଖଳନ ଜନିତ ବିପର୍ଯ୍ୟୟ ପରେ ସେଠାରେ ଚାଲିଥିବା ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଆଜି ଚତୁର୍ଥ ଦିନରେ ପହଞ୍ଚିଛି । ସେନାବାହିନୀ, ପୋଲିସ୍, ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍, ଆଇଟିବିପି ଓ ସାଧାରଣ ପ୍ରଶାସନର ୫୧୮ ଜଣ ଯବାନଙ୍କୁ ମୁତୟନ

କରାଯାଇଛି । ଆଜି ସକାଳେ ପାଗ ଭଲ ଥିବାରୁ ଆକାଶମାର୍ଗରୁ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଛି। ଏନଡିଆରଏଫ୍ କମାଣ୍ଡର ଗମ୍ଭୀର ସିଂ ଚୌହାନଙ୍କ ସୂଚନା ଅନୁଯାୟୀ, ପ୍ରଭାବିତ ଅଞ୍ଚଳର ରାସ୍ତାଗୁଡ଼ିକୁ ମରାମତି କରାଯାଇଛି । ଗତକାଲି  ଧରାଲୀରୁ ୩୫ ଜଣଙ୍କୁ ହେଲିକପ୍ଟର ଯୋଗେ ଉଦ୍ଧାର କରାଯାଇଛି । ଏବେ ରାସ୍ତା ମରାମତି ହୋଇଯାଇଥିବାରୁ ସଡ଼କପଥରେ ଉଦ୍ଧାର କାର୍ଯ୍ୟକୁ ମଧ୍ୟ ଜୋରଦାର କରାଯାଇଛି । ଉଦ୍ଧାର କାର୍ଯ୍ୟରେ ଚିନୁକ୍, ଏମଆଇ-୧୭  ଏଏଲଏଚ ଏବଂ ଚିତ୍ତା ହେଲିକପ୍ଟରକୁ ମୁତୟନ କରାଯାଇଛି ।

ଏହା ବ୍ୟତୀତ ଉତ୍ତରାଖଣ୍ଡ ବେସାମରିକ  ଉଡ଼ାଣ ବିକାଶ କର୍ତ୍ତୃପକ୍ଷଙ୍କ ୬ଟି ହେଲିକପ୍ଟରକୁ ଉଦ୍ଧାର କାର୍ଯ୍ୟରେ ବ୍ୟବହାର କରାଯାଉଛି । ଗଙ୍ଗୋତ୍ରୀ ଅଞ୍ଚଳରୁ ପ୍ରାୟ ୪୦୦ ଜଣଙ୍କୁ ହେଲିକପ୍ଟର ମାଧ୍ୟମରେ ଉଦ୍ଧାର କରାଯାଇ ହର୍ସିଲକୁ ଅଣାଯାଇଛି । ଏହି ବିପର୍ଯ୍ୟୟରେ ୫୦ ଜଣ ନିଖୋଜ ଥିବା ଜଣାପଡ଼ିଛି । ନିଖୋଜଙ୍କ ମଧ୍ୟରେ ସେନାବାହିନୀର ଜଣେ ଜେସିଓଙ୍କ ସମେତ ୮ ଜଣ ଯବାନ ଅଛନ୍ତି ।

ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ମାଟ୍ଲି ହେଲିପ୍ୟାଡରେ ଆଜି ସକାଳେ ପହଞ୍ଚି ଧରାଲିରୁ ଉଦ୍ଧାର ହୋଇଥିବା ଲୋକମାନଙ୍କ ସହ ଆଲୋଚନା କରିଛନ୍ତି । ସେ ମଧ ଏନ୍‌ଡିଆରଏଫ୍, ଏସ୍‌ଡିଆରଫ୍ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କ ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସଂପର୍କରେ ସମୀକ୍ଷା ବୈଠକ କରିଛନ୍ତି ।

## ଜେକେ-ଆକ୍ସିଡେଣ୍ଟ

ଜାମ୍ମୁ କାଶ୍ମୀରରେ ଆଜି ଏକ ସଡ଼କ ଦୁର୍ଘଟଣାରେ ୩ ଜଣ ଯବାନଙ୍କ ମୃତ୍ୟୁ ଘଟିବା ସହିତ ୧୫ ଜଣ ଆହତ ହୋଇଛନ୍ତି । ଉଦ୍ଧମପୁର ଜିଲ୍ଲାର କଣ୍ଡଭା ଅଞ୍ଚଳରେ କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସର ଯବାନମାନେ ବସନ୍ତଗଡ଼ରୁ ଏକ ତଲାସୀ ଅଭିଯାନ ସାରି ଫେରୁଥିଲା ବେଳେ ସେମାନଙ୍କ ଗାଡ଼ି  ନାଳ ମଧ୍ୟକୁ ଖସିପଡ଼ିବାରୁ ଦୁର୍ଘଟଣା ଘଟିଥିଲା । ଗାଡ଼ିରେ ଥିବା ୨୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା ।  ୧୬ ଜଣ ଗୁରୁତର ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥରେ ଜଣଙ୍କର ମୃତ୍ୟୁ ଘଟିଥିଲା । ଘଟଣାର ଯାଞ୍ଚ କରାଯାଉଛି ।

---

## ମ୍ୟାଁମାର-ପ୍ରେଜ୍

ମ୍ୟାଁମାରର ରାଷ୍ଟ୍ରପତି ୟୁ ମିଣ୍ଟ ସ୍ୱି ଙ୍କର ୭୪ ବର୍ଷ ବୟସରେ  ଆଜି ସକାଳେ ପରଲୋକ ଘଟିଛି । ଜାତୀୟ ପ୍ରତିରକ୍ଷା ଓ ସୁରକ୍ଷା ପରିଷଦ ପକ୍ଷରୁ କୁହାଯାଇଛି, ରାଷ୍ଟ୍ରପତିଙ୍କ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହେବ । ରାଷ୍ଟ୍ରପତି ୟୁ ମିଣ୍ଟ ସ୍ୱି  ପାର୍କିନସନ ଓ ଅନ୍ୟାନ୍ୟ ସ୍ନାୟୁ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ଚିକିତ୍ସା ପାଇଁ ୨୦୨୪ ଜୁଲାଇ ମାସରୁ ଛୁଟିରେ ଥିବାରୁ ରାଷ୍ଟ୍ରପତି ଶ୍ରୀ ସ୍ୱେ ତାଙ୍କର କାର୍ଯ୍ୟଭାର ବରିଷ୍ଠ ଜେନେରାଲ୍ ମିନ୍ ଅଙ୍ଗ୍ ହେଙ୍ଗଙ୍କୁ ହସ୍ତାନ୍ତର କରିଥିଲେ । ୨୦୧୬ ମସିହାରେ ସେ ମ୍ୟାଁମାରର ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ପରେ ୨୦୨୧ ମସିହାରେ ସେ ରାଷ୍ଟ୍ରପତି ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ ।

---

# ୱାର୍ଲ୍ଡ ଗେମ୍-୨୦୨୫

ଚୀନ୍‌ର ଚେଙ୍ଗଡୁରେ ଆଜିଠାରୁ ଆରମ୍ଭ ହେବାକୁ ଥିବା ବିଶ୍ୱ କ୍ରୀଡ଼ା-୨୦୨୫ରେ ଅଂଶ ଗ୍ରହଣ କରିବା ଲାଗି ଏକ ୧୮ ଜଣିଆ ଭାରତୀୟ ଦଳ ଚୀନ୍ ଗସ୍ତ କରିଛନ୍ତି । ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ୧୯୮୧ ମସିହାରୁ ପ୍ରତି ୪ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ବିଶ୍ୱ କ୍ରୀଡ଼ାରେ ଅଲମ୍ପିକ୍ସରେ ଅନ୍ତର୍ଭୁକ୍ତ ନ ଥିବା କ୍ରୀଡ଼ା ପ୍ରଦର୍ଶନ କରାଯାଏ । ଚଳିତବର୍ଷ ବିଶ୍ୱକ୍ରୀଡ଼ା ୨୦୨୫ରେ ୬୦ଟି ବିଭାଗରେ ୩୪ଟି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ ଓ ୨୫୩ଟି ପଦକ ପ୍ରଦାନ କରାଯିବ ।

୧୯୮୧ ମସିହାରୁ ପ୍ରଥମ ସଂସ୍କରଣରୁ ଭାରତ ବିଶ୍ୱକ୍ରୀଡ଼ାରେ ଅଂଶ ଗ୍ରହଣ କରିଆସିଛି ଏବଂ ଏପର୍ଯ୍ୟନ୍ତ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟ ପଦକ ହାସଲ କରିଛି । ୨୦୧୩ ମସିହାରେ ଭାରତର ଆଦିତ୍ୟ ମେହେଟ୍ଟା ବିଲିୟାର୍ଡସରେ ଏକମାତ୍ର ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ଚଳିତଥର ଭାରତ ତୀର ଚାଳନା, ବିଲିୟାର୍ଡସ, ରୋଲର ସ୍କେଟିଙ୍ଗ୍, ଉସୁ ଏବଂ ର୍ୟାକେଟ୍ ବଲ୍‌ରେ ଅଂଶ ଗ୍ରହଣ କରିବ ।